ମୁଖ୍ୟ ଖବର

About Us | Feedback | Guestbook | Contact Us

Thursday,01 Dec 2005

Search

ଖବର

- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର

- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲିକାତା କିଛି କଥା
- ଦିଲ୍ଲୀ ଦରବାର

Classified

- Matrimonials
- Appointments

- Entertainment
- Subscriptions
- Advertisements

## ଦିଲ୍ଲୀର ଉପେକ୍ଷା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଚୁପ୍ ଥିଲେ କାହିଁକି ?

ଭୁବନେଶ୍ୱର (ଭୁ.ପ୍ର)- ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ପ୍ରସଙ୍ଗ କେନ୍ଦ୍ରର ସତ୍ୟପାଠ ପରେ ଏକ ନାଟକୀୟ ମୋଡ଼ ନେଇଛି । ଏହି ପ୍ରସଙ୍ଗରେ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରକୁ ଏକାଧିକ ପତ୍ର ଲେଖିଥିବା ଦାବି କରିଆସିଛନ୍ତି । ଏପରିକି ଦିଲ୍ଲୀ ଗସ୍ତବେଳେ ଶ୍ରୀ ପଟ୍ଟନାୟକ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଥିବା ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜନସାଧାରଣଙ୍କ ଆଗରେ ସେ ପ୍ରଚାର କରିଛନ୍ତି; କିନ୍ତୁ କୌଣସି ସମୟରେ କେନ୍ଦ୍ରର ଜବାବ ବା ପ୍ରତିଶ୍ରୁତି ସମ୍ପର୍କରେ ଶ୍ରୀ ପଟ୍ଟ ନାୟକ କୌଣସି ସୂଚନା ଦେଇନାହାନ୍ତି । ତେଣୁ ଦିଲ୍ଲୀଯାଇ କାହା ସହିତ ମୁଖ୍ୟମନ୍ତ୍ରୀ କି ଆଲୋଚନା କରୁଥିଲେ, ଆଲୋଚନାବେଳେ କେନ୍ଦ୍ରରୁ କି ଉତ୍ତର ମିଳୁଥିଲା ତାହା ଜାଣିବାର ଅଧିକାର ନିଶ୍ଚିତଭାବେ ଓଡ଼ିଶାବାସୀଙ୍କର ରହିଛି । କେନ୍ଦ୍ର ଯେପରି ସତ୍ୟପାଠ ଜରିଆରେ ଓଡ଼ିଶାକୁ ଧୋକା ଦେବାକୁ ବସିଛି ସେଥିପାଇଁ ରାଜ୍ୟ ସରକାର ମଧ୍ୟ କେନ୍ଦ୍ରର ଆଭିମୁଖ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ ଯାହା ଏପର୍ଯ୍ୟନ୍ତ ହୋଇପାରି ନାହିଁ । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ କିଭଳି ପତ୍ର ଲେଖୁଥିଲେ ଏବଂ ଏହି ପତ୍ରରେ କ'ଣସବୁ ବିଷୟ ସ୍ଥାନିତ କରିଥିଲେ ଅଥବା ଦିଲ୍ଲୀଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଏହି ଅନୁଷ୍ଠାନ ବାବଦରେ କ'ଣ ସବୁ ଆଲୋଚନା କରୁଥିଲେ ତାହା ତାଙ୍କୁ ହିଁ ସବୁ ଜଣା । ଏହି ପତ୍ରର ସ୍ୱରୂପ ଏବଂ ଆଲୋଚନା ଫଳାଫଳ ସମ୍ପର୍କରେ ଗଣମାଧ୍ୟମରେ ପ୍ରଚାର କରି ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ପ୍ରତାରିତ କରିନାହାନ୍ତି କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।





Ph



About Us Contact Us Feedback Guest Book

The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)